## ସଂକ୍ଷେପରେ

### ଗ୍ରୀଲ ଭାଙ୍ଗି ଟଙ୍କା, ସୁନା ଚୋରି

**ଅନୁଗୋଳ ଅଫିସ,୧୭।୬:** ଅନୁଗୋଳ ସଦର ଥାନା ଅଞ୍ଚଳର ଏକ ଘରୁ ଚୋରି ହୋଇଛି। ଏ ନେଇ ଥାନାରେ ଶାବଳଭଙ୍ଗା ଅଞ୍ଚଳର କାମାକ୍ଷା ପ୍ରସାଦ ଜେନା ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ସୂଚନା ଅନୁଯାୟୀ, ଶାବଳଭଙ୍ଗା ଅଞ୍ଚଳର କାମାକ୍ଷାପ୍ରସାଦ ଦିଲ୍ଲୀ ଯାଇଥିଲେ। ଦଲ୍ଲୀରୁ ଫେରିବା ପରେ ତାଙ୍କ ଘର ଗ୍ରୀଲ ଭଙ୍ଗା ହୋଇଥିବା ଦେଖିବାକୁ ପାଇଥିଲେ। ପରେ ଘରେ ଥିବା ୧୦ ହଜାର ଟଙ୍କା, କମ୍ପ୍ୟୁଟର ହାର୍ଡଡିସ୍କ ଓ ୩ଟି ସୁନା ମୁଦି ଚୋରି ହୋଇଥିବା ଦେଖି ସଦର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ସତ୍ୟବ୍ରତ ରାଉତ ତଦନ୍ତ ଚାଲିଥିବା କହିଛନ୍ତି।

### ଦୁର୍ଘଟଣାରେ ଜଣେ ମୃତ

**ଅନୁଗୋଳ ଅଫିସ,୧୭।୬:** ଅନୁଗୋଳ ସଦର ଥାନା କୁଇଓଠାରେ ଶୁକ୍ରବାର ଦୁର୍ଘଟଣାରେ ଗାନ୍ଧୀ ଦେହୁରୀ(୫୫)ଙ୍କ ମୃତ୍ୟୁ ହୋଇଛି। ଏ ନେଇ ଏକ ମାମଲା ସଦର ଥାନାରେ ରୁଜୁ ହୋଇଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ କହିଛନ୍ତି। ସୂଚନା ଅନୁଯାୟୀ, କୁଇଓ ଗ୍ରାମର ଅନିଲ ଗଡନାୟକ ମୋଟରସାଇକେଲ (ନଂ. ଓଡି୧୯ଇ- ୨୩୩୩)ରେ ଘରକୁ ଆସୁଥିଲେ। ଗାନ୍ଧୀ ଦେହୁରୀ ସାଇକେଲରେ ଘରକୁ ଫେରୁଥିବା ସମୟରେ ସାଇକେଲ ଓ ମୋଟର ସାଇକେଲ ମଧ୍ୟରେ ଧକ୍କା ହୋଇଥିଲା। ଗାନ୍ଧୀଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନିଲ ମଧ୍ୟ ଗୁରୁତର ହୋଇଥିବା ଜଣାପଡିଛି।

### ସୁନା, ମଦ ଦୋକାନୀଙ୍କୁ ଜରିମାନା

**ଅନୁଗୋଳ ଅଫିସ,୧୭।୬:** ଅନୁଗୋଳ ସହରରେ କିଛି ଦିନ ବ୍ୟବଧାନ ପରେ ମଲ୍ଟି ଡିସିପ୍ଲିନ୍ ସ୍କ୍ୱାଡ୍ ଶୁକ୍ରବାର ଚଢାଉ କରିଛି। ସହରର ବିଭିନ୍ନ ଦୋକାନରେ ଅନୁଗୋଳ ତହସିଲଦାର ବିମଳ କୁମାର ଲେଙ୍କାଙ୍କ ନେତୃତ୍ୱରେ ଗଠିତ ଟିମ୍ ଚଢାଉ କରିଥିଲା। ଏହି ଚଢାଉ ସମୟରେ ଏକ ଜୁଏଲେରୀ ଓ କଳିଙ୍ଗ ମାର୍କେଟରେ ଥିବା ମଦ ଦୋକାନରେ ଅବ୍ୟବସ୍ଥାକୁ ନେଇ ଜରିମାନା ଆଦାୟ କରାଯାଇଥିବା ସୂଚନା ପ୍ରଦାନ କରାଯାଇଛି। ପ୍ରକାଶ ଯେ, ସୁନା ଓ ଚାନ୍ଦି ଅଳଙ୍କାର ବିକ୍ରି କରୁଥିବା ଉକ୍ତ ଜୁଏଲେରୀ ଓଜନ ବଟକରାର ବର୍ଷେ ପୂର୍ବରୁ ନବୀକରଣ ହୋଇ ନ ଥିବା ଦେଖିବାକୁ ମିଳିଥିଲା। ଏ ନେଇ ଓଜନ ଓ ମାପଦଣ୍ଡର ଇନ୍ସପେକ୍ଟର ୧୦ ହଜାର ଟଙ୍କା ଜରିମାନା କରିବା ସହ ତୁରନ୍ତ ନବୀକରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି କଳିଙ୍ଗ ମାର୍କେଟରେ ଥିବା ମଦ ଦୋକାନରେ ପୁଳା ପୁଳା ଅବ୍ୟବସ୍ଥା ଦେଖି ମଲ୍ଟି ଡିସିପ୍ଲିନ ସ୍କ୍ୱାଡ୍ ଚକିତ ହୋଇଥିଲେ। ମଦ କାଉଣ୍ଟର ପାଇଁ ଅବକାରୀ ବିଭାଗ କରିଥିବା ନିୟମକୁ ବ୍ୟବସାୟୀ ଜଳାଞ୍ଜଳି ଦେଇ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଥିଲା। ମଦ ଦୋକାନ କର୍ମଚାରୀମାନେ ଡ୍ରେସ କୋର୍ଡ ପରିଧାନ କରି ନ ଥିବାବେଳେ କମ୍ପ୍ୟୁଟର ବିଲ୍ ମଧ୍ୟ ଗ୍ରାହକଙ୍କୁ ପ୍ରଦାନ କରାଯାଉ ନ ଥିଲା। ରେଜିଷ୍ଟର ଠିକ ଭାବେ ପରିଚାଳନା ହେଉ ନ ଥିଲା। ମଦ ବିକ୍ରି ଓ ରେଜିଷ୍ଟର ମଧ୍ୟରେ ତାଳମେଳ ରହୁ ନ ଥିବା ଟିମ୍ ଦେଖିବାକୁ ପାଇଥିଲେ। ଏ ନେଇ କେତେ ଜରିମାନା କରାଯିବ ତାହା ଅବକାରୀ ବିଭାଗ ନିଷ୍ପତ୍ତି ନେବାକୁ କୁହାଯାଇଛି। ଏହି ଟିମ୍‌ରେ ତହସିଲଦାର ଲେଙ୍କାଙ୍କ ସହିତ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂହ, ଓଜନ ଓ ମାପଦଣ୍ଡ ଇନ୍ସପେକ୍ଟର ପୃଥ୍ୱୀରାଜ ହାଁସଦା, ଅବକାରୀ ଅଧିକାରୀ, ଯୋଗାଣ ବିଭାଗର ଅଧିକାରୀ, ଖାଦ୍ୟ ବିଭାଗ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଶୀଘ୍ର ବାହାରୁ ସମାଧାନ ସୂତ୍ର

**ଆଠମଲ୍ଲିକ,୧୭।୬(ଡି.ଏନ.ଏ.)**



- ଗୋଲେଇ ଛକ ନିର୍ମାଣ ନେଇ ବଢୁଛି ଦାବି
- ବୈଷୟିକ ସମସ୍ୟା ଯୋଗୁ ରାସ୍ତା ଅଧାପନ୍ତରିଆ

ଆଠମଲ୍ଲିକ-ଧଳପୁର ସେତୁ ଲୋକାର୍ପଣକୁ ଆଠମଲ୍ଲିକବାସୀ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଏହି ସେତୁ କାର୍ଯ୍ୟକ୍ଷମ ହେଲେ ଦକ୍ଷିଣ ଓଡ଼ିଶା ସହ ମଧ୍ୟ ଓଡ଼ିଶାର ସିଧାସଳଖ ସଂଯୋଗ ସମ୍ଭବ ହେବ। ତେବେ ଏହି ସେତୁର ସଂଯୋଗୀକରଣ ରାସ୍ତାରେ ଥିବା ଲେଭଲକ୍ରସିଂ ନିକଟରେ ଭିଡ଼ ଏଡ଼ାଇବାକୁ ଏକ ଗୋଲେଇ ଛକ (ରୋଟାରି) ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରୁଛନ୍ତି। କିନ୍ତୁ ବୈଷୟିକ ଅସୁବିଧା ରହିଥିବା ଠିକା ସଂସ୍ଥା କହିବା ସହ ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା କରି ଏଠାରେ ରାସ୍ତା ନିର୍ମାଣ ବନ୍ଦ ରଖିଛି। ଫଳରେ ସଂଯୋଗୀକରଣ ରାସ୍ତାର କିଛିଅଂଶ ଅଧାପନ୍ତରିଆ ଅବସ୍ଥାରେ ରହିଛି। ତେଣୁ ପ୍ରଶାସନ ଶୀଘ୍ର ସମାଧାନର ପନ୍ଥା ବାହାର କରିବା ପାଇଁ ଦାବି ହେଉଛି।

ପ୍ରକାଶ ଯେ, ଆଠମଲ୍ଲିକ-ଧଳପୁର ମହାନଦୀ ସେତୁ ଓ ଆଠମଲ୍ଲିକ-କିଆକଟା ରାଜ୍ୟ ରାଜପଥ ମଧ୍ୟରେ ଦେଢ଼ କିଲୋମିଟର ସଂଯୋଗୀକରଣ ରାସ୍ତା ନିର୍ମାଣ ହେଉଛି। ତେବେ ଏହି ସଂଯୋଗୀକରଣ ରାସ୍ତାର ଲିପ୍ତିଙ୍ଗା ଗାଁ ନିକଟରେ ରହିଛି ଲେଭଲକ୍ରସିଂ। ଲିପ୍ତିଙ୍ଗା ଓ ପୁଲେଶ୍ୱର ଗ୍ରାମବାସୀ ଏହି ରାସ୍ତା ଉପରେ ନିର୍ଭର କରୁଥିବାବେଳେ ଆଠମଲ୍ଲିକ ସହରକୁ ମହାନଦୀରୁ ଯୋଗାଣ ହୋଇଥିବା ପାନୀୟ ଜଳର କାର୍ଯ୍ୟାଳୟ ଓ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପୁଲେଶ୍ୱର ନିକଟରେ ରହିଛି। ଫଳରେ ବହୁ ସଂଖ୍ୟକ ଶ୍ରମିକ ଓ କର୍ମଚାରୀ ଏହି ଛକ ଦେଇ ଯାତାୟାତ କରୁଛନ୍ତି। ଆଠମଲ୍ଲିକ-ଧଳପୁର ସେତୁ ଲୋକାର୍ପଣ ହେବା ମାତ୍ରେ ଏହି ସଂଯୋଗୀକରଣ ରାସ୍ତା ଦେଇ ଦୈନିକ ସହସ୍ରାଧିକ ଗାଡି ଯାତାୟାତ କରିବ। ତେଣୁ ଲିପ୍ତିଙ୍ଗା ଗ୍ରାମର ଏହି ଲେଭଲକ୍ରସିଂଠାରେ ପ୍ରବଳ ଭିଡ଼ ଲାଗିବା ସହ ଦୁର୍ଘଟଣା ଆଶଙ୍କା ଦେଖାଦେବ। ଏହାକୁ ଏଡ଼ାଇବାକୁ ଲେଭଲକ୍ରସିଂଠାରେ ଗୋଲେଇ ଛକ ନିର୍ମାଣ କରିବାକୁ ଗ୍ରାମବାସୀ ଉପଖଣ୍ଡ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇଥିଲେ। ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ଅଧ୍ୟକ୍ଷତାରେ ୫ ଥର ଗ୍ରାମବାସୀଙ୍କ ପ୍ରତିନିଧି, ପୂର୍ତ୍ତ ବିଭାଗ ଅନୁଗୋଳ ଓ କନ୍ଧମାଳ ଡିଭିଜନର ଅଧିକାରୀ, ଠିକା ସଂସ୍ଥାର ଟେକ୍ନିକାଲ ପର୍ସନଙ୍କୁ ନେଇ ବୈଠକ ବସିଛି। ଗୋଲେଇ ଛକ ଦ୍ୱାରା କିଛିକାଂଶରେ ଟ୍ରାଫିକ ସମସ୍ୟା ସୁଧୁରିପାରିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ହେଲେ ବୈଷୟିକ ସମସ୍ୟା ହିଁ ଏଥିରେ ଅଡୁଆ କରୁଛି। ଆଠମଲ୍ଲିକ - ଧଳପୁର ସେତୁ ଓ ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟ ଏବେ କନ୍ଧମାଳ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ସେତୁ ଲୋକାର୍ପିତ ହେଲାପରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଅନୁଗୋଳ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବ। ଏହାପରେ ଯାଇ ଲେଭଲକ୍ରସିଂ ନିକଟରେ ଗୋଲେଇ ଛକ ନିର୍ମାଣ ପାଇଁ ବାଟ ଫିଟିବ। ଏହି ବୈଷୟିକ ସମସ୍ୟାର ସମାଧାନ ପ୍ରଶାସନ ତୁରନ୍ତ କରୁ ନ ଥିବାରୁ ସଂଯୋଗୀକରଣ ରାସ୍ତାର ପ୍ରାୟ କାମ ସରିଥିଲେ ମଧ୍ୟ ଲିପ୍ତିଙ୍ଗା ଗ୍ରାମ ଲେଭଲକ୍ରସିଂ ନିକଟରେ ୬୦ ମିଟର ରାସ୍ତା ନିର୍ମାଣ ହୋଇପାରୁ ନାହିଁ।

**ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା**



“ ଗ୍ରାମବାସୀଙ୍କ ଗୋଲେଇ ଛକ ଦାବି ଯୋଗୁ ବର୍ତ୍ତମାନ ପାଇଁ ଲେଭଲକ୍ରସିଂର ୬୦ ମିଟର ରାସ୍ତା ନିର୍ମାଣ ସମ୍ଭବ ହୋଇପାରୁନାହିଁ। ପ୍ରଶାସନର ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଅପେକ୍ଷା କରାଯିବ।

-ସଞ୍ଜୟ କୁମାର ମହାପାତ୍ର, ଟେକ୍ନିକାଲ ଟିମ୍ ଲିଡର (ଠିକା ସଂସ୍ଥା)

**ଅଣ୍ଡର ପାସ୍ ୱେ ନିର୍ମାଣ ହେଲେ ଭଲ**



“ ଦକ୍ଷିଣ ଓଡ଼ିଶା ଓ ମଧ୍ୟ ଓଡ଼ିଶା ମଧ୍ୟରେ ସମ୍ପର୍କ ସ୍ଥାପନ କରୁଥିବା ଏହି ଆଠମଲ୍ଲିକ - ଧଳପୁର ସେତୁର ସଂଯୋଗୀକରଣ ରାସ୍ତାରେ ଭବିଷ୍ୟତରେ ପ୍ରବଳ ଭିଡ଼ ଲାଗି ରହିବ। ତେଣୁ ଦୁର୍ଘଟଣା ଏଡାଇବା ପାଇଁ ଲେଭଲକ୍ରସିଂଠାରେ ଅଣ୍ଡର ପାସ୍ ୱେ ନିର୍ମାଣ ହେଲେ ଭଲ ହୁଅନ୍ତା।

-ନିରଦ କୁମାର ଦାସ, ଆଇଆଇସି ଆଠମଲ୍ଲିକ ଥାନା

**ରାସ୍ତା କାର୍ଯ୍ୟ ଚାଲୁରହୁ**



“ ରାସ୍ତା କାର୍ଯ୍ୟକୁ ବିରୋଧ କରୁନାହୁଁ ଆଠମଲ୍ଲିକବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାସ୍ତା କାର୍ଯ୍ୟ ଚାଲୁରହୁ। ସେତୁ ମଧ୍ୟ ଲୋକାର୍ପିତ ହେଉ। ସହରବାସୀଙ୍କ ଧନ ଜୀବନ ସୁରକ୍ଷାକୁ ପ୍ରଶାସନ ଗୁରୁତ୍ୱ ଦେଇ ଗୋଲେଇ ଛକ ନିର୍ମାଣରେ ସହାୟକ ହେଉ।

-ବିଭୂତି ରଥ, ଲିପ୍ତିଙ୍ଗା ଗ୍ରାମବାସୀ

**ଗୋଲେଇ ଛକ ନିର୍ମାଣ ଜରୁରୀ**



“ ରାସ୍ତା ସହ ଗୋଲେଇ ଛକ ମଧ୍ୟ ନିର୍ମାଣ କରିବା ଜରୁରୀ। ଗ୍ରାମବାସୀ ଏ ନେଇ ଯେବେଠାରୁ ଦାବି କଲେଣି ପ୍ରଶାସନ ଚାହିଁଥିଲେ ଗୋଲେଇ ଛକ ଏତେବେଳକୁ ନିର୍ମାଣ ହୋଇପାରିଥାନ୍ତା।

-ପ୍ରକାଶ ବିଶି, ଲିପ୍ତିଙ୍ଗା ଗ୍ରାମବାସୀ

**ଅନୁଗୋଳ ଡିଭିଜନକୁ ହସ୍ତାନ୍ତର ପରେ ନିର୍ମାଣ**



“ ଗୋଲେଇ ଛକ ନିର୍ମାଣ କରିବାରେ କିଛି ବୈଷୟିକ ଅସୁବିଧା ରହୁଛି। ସେତୁ ଓ ଅପ୍ରୋଚ ରୋଡ୍ କନ୍ଧମାଳ ପୂର୍ତ୍ତ ବିଭାଗ ଡିଭିଜନ ଅଧୀନରେ ନିର୍ମାଣ ହେଉଛି। ଉକ୍ତ ରାସ୍ତା ଅନୁଗୋଳ ଡିଭିଜନକୁ ହସ୍ତାନ୍ତର ହେଲେ ଯାଇ ଗୋଲେଇ ଛକ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ହେବ ।

-ବିଜୟ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ, ଆଠମଲ୍ଲିକ ପୂର୍ତ୍ତ ବିଭାଗ

# ଡ୍ୟୁଟି ନ କରି କ୍ଲିନିକ ଯାଉଛନ୍ତି ଡାକ୍ତର

**ଅନୁଗୋଳ ଅଫିସ,୧୭।୬**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆରମ୍ଭ କରାଯାଇଥିବା ଉପରବେଳା ଓପିଡିକୁ ନେଇ କେତେଜଣ ଡାକ୍ତର ଖୁସି ନାହାନ୍ତି। ଏମାନେ ଡ୍ୟୁଟି ସମୟରେ ଖସାଣିଆ ମାରି କ୍ଲିନିକ୍ ଚାଲିଯାଉଥିବା ଚର୍ଚ୍ଚା ହେଉଛି। ମେଡିକାଲର କେତେଜଣ କର୍ମଚାରୀ କହିଛନ୍ତି, ସକାଳବେଳା ବିଶେଷଜ୍ଞ ଡାକ୍ତରମାନେ ୱାର୍ଡ ରାଉଣ୍ଡ ସାରି ଓପିଡିରେ ପହଞ୍ଚିଲା ବେଳକୁ ସାଢ଼େ ୧୦ଟା ହେଉଛି। ଫଳରେ ଜିଲାର ଦୂର ଦୂରାନ୍ତ ଅଞ୍ଚଳ ଆଠମଲ୍ଲିକ, କିଶୋରନଗରରୁ ଆସୁଥିବା ରୋଗୀମାନେ ଓପିଡିରେ ବିଶେଷଜ୍ଞ ଡାକ୍ତରଙ୍କ ନିକଟରେ ଚିକିତ୍ସା ସୁବିଧା ପାଇପାରୁ ନ ଥିଲେ। ବହୁ ଅଭିଯୋଗ ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସହକାରୀ ସଚିବ ଉପରବେଳା ଓପିଡ଼ି ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଅନୁଗୋଳ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଉପରବେଳା ୪ଟା ରୁ ୬ଟା ଯାଏ ସ୍ପେଶାଲ ଓପିଡି ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ କ୍ଲିନିକ ବେପାର ମାନ୍ଦା ପଡିଯିବା ଦେଖି କେତେଜଣ ଡାକ୍ତର ଫନ୍ଦି ଫିକର କରି ହେଲ୍ପ ଡେସ୍କ କର୍ମଚାରୀଙ୍କୁ ହାତ କରି ଏଇଠୁ ଆସୁଛି କହି ପଳାଇ ଯାଉଥିବା ଆଲୋଚନା ହେଉଛି। ଏ ନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଏମ୍.ଆର୍. ବିଶ୍ୱାଳ କହିଛନ୍ତି, ଯେଉଁ ଡାକ୍ତର କାର୍ଯ୍ୟରେ ଖିଲାପ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ନାଲ୍‌କୋ ଶ୍ରମିକ କଂଗ୍ରେସର କର୍ମକର୍ତ୍ତା ନିର୍ବାଚନ

**ବଣ୍ଟାରପାଳ,୧୭।୬(ଡି.ଏନ.ଏ.)**

ନାଲ୍‌କୋ ଶ୍ରମିକ କଂଗ୍ରେସ ୟୁନିୟନର ସାଧାରଣ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଆଇଏନ୍‌ଟିୟୁସି ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସମ୍ପାଦକ କିଶୋର ଜେନା, ଜିଲା ଆଇଏନଟିୟୁସି ସଭାପତି ଦିଗାମ୍ବର ଗଡ଼ନାୟକ, ରାଜ୍ୟ ଉପସଭାପତି ମଦନ ଧଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଙ୍ଗଠନକୁ ଅଧିକ ସୁଦୃଢ଼ କରାଯିବା ଓ ଆଗାମୀ ଶ୍ରମିକ ସଙ୍ଗଠନ ନିର୍ବାଚନ ଉପରେ ଆଲୋଚନ ହୋଇଥିଲା। ଏହାପରେ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଏଥିରେ ପରେଶ ଚନ୍ଦ୍ର ଜେନାଙ୍କୁ ସଭାପତି ଓ ସାଧାରଣ ସମ୍ପାଦକ ଭାବେ ବିଭବ ଜେନାଙ୍କୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଭାବେ ସୁଜିତ ସେଠ, ହେମନ୍ତ ପ୍ରଧାନ ଓ ବିମ୍ବାଧର ସାମଲ, କୋଷାଧ୍ୟକ୍ଷ କୁଳମଣି ସାହୁ, ସହ କୋଷାଧ୍ୟକ୍ଷ ଟିକନ ଦେହୁରୀଙ୍କୁ ଚୟନ କରାଯାଇଥିଲା। ଯୁବ ଶ୍ରମିକ ନେତା ଜ୍ଞାନ ରଞ୍ଜନ ଜେନା, ଏସ୍.କେ. ମହାରଣା, ପ୍ରଣବ ଜେନା, ଆର୍ତ୍ତ ସାମଲ, ବସନ୍ତ ଦଳ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

# ଅନୁଗୋଳ କଂଗ୍ରେସର ଗଣ ବିକ୍ଷୋଭ

**ଅନୁଗୋଳ ଅଫିସ,୧୭।୬**

ଅଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟାଳୟ ମଧ୍ୟରେ ପଶି ଦିଲ୍ଲୀ କେନ୍ଦ୍ରୀୟ ପୋଲିସ ଜୁଲୁମ କରିବା ପ୍ରତିବାଦରେ ଶୁକ୍ରବାର ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବାହ୍ନରେ ଗଣ ବିକ୍ଷୋଭ କରାଯାଇଛି। ଜିଲା ସଭାପତି ବିପ୍ଳବ ଜେନାଙ୍କ ସଭାପତିତ୍ୱରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପାଖ ମୁଖ୍ୟ ଡାକଘର ସମ୍ମୁଖରେ ଏହି ବିକ୍ଷୋଭ କରାଯାଇଥିଲା। ଉକ୍ତ ପ୍ରତିବାଦ ସଭାରେ ବିଭିନ୍ନ ବକ୍ତାମାନେ କେନ୍ଦ୍ର ସରକାରଙ୍କ ଆକ୍ଷେପ ରାଜନୀତିକୁ ନିନ୍ଦା କରିବା ସହ କଂଗ୍ରେସକୁ ଜନ ସମାଜରେ ନିନ୍ଦିତ କରିବାର ଅପଚେଷ୍ଟା ଫଳବତୀ ହେବ ନାହିଁ ବୋଲି କହିଥିଲେ। ଜିଲା କଂଗ୍ରେସ ଉପସଭାପତି ତପନ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିଖିଳ ଭାରତ ମହିଳା କଂଗ୍ରେସ ସମ୍ପାଦିକା ସସ୍ମିତା ବେହେରା, ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ପ୍ରଧାନ, ରାଜ୍ୟ କିଷାନ ସେଲ ସାଧାରଣ ସମ୍ପାଦକ ଉମେଶ ସାହୁ, ଆଇଏନଟିୟୁସି ନେତା ଦିଗମ୍ବର ଗଡନାୟକ, ରାଜ୍ୟ ଏସ୍‌ସି ସେଲ ଆବାହକ ଟିକନ ବେହେରା, ଜିଲା ଏସ୍‌ସି ସେଲ୍ ଅଧ୍ୟକ୍ଷ ନୀଳକଣ୍ଠ ନାଏକ, ଆଇନ ସେଲ୍ ଅଧ୍ୟକ୍ଷ ଧର୍ମେନ୍ଦ୍ର ନାଥ ମିଶ୍ର, ଜିଲା କୃଷକ ସେଲ୍ ଅଧ୍ୟକ୍ଷ ଦାଶରଥି ସାହୁ, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ଗୋପାଳ ନାଥ, ଜିଲା ଓବିସି ସେଲ୍ ଅଧ୍ୟକ୍ଷ ପ୍ରବୋଧ ସ୍ୱାଇଁ, ଜିଲା ଯୁବ କଂଗ୍ରେସ ସଭାପତି ଲିଟୁ ରଞ୍ଜନ ଥାପା, ଜିଲା ଛାତ୍ର କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ପାଣିଗ୍ରାହୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ପୂର୍ବତନ ଜିଲାଯୁବ କଂଗ୍ରେସ ଜୟନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଓବିସି ସେଲ୍ ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ଅନୁଗୋଳ ଜିଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଶିକ୍ଷକଙ୍କ ବଦଳି ବାତିଲ ଦାବି

**ଛେଣ୍ଡିପଦା,୧୭।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ବାତିଲ ଦାବିରେ ଶୁକ୍ରବାର ଛେଣ୍ଡିପଦା ଗ୍ରାମ୍ୟ କମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣାରୁ ପ୍ରକାଶ, ଛେଣ୍ଡିପଦା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଆଶିଷ କୁମାର ପ୍ରଧାନଙ୍କ ହଠାତ ବଦଳି ହେଉଥିବା ଖବରପାଇ ଗ୍ରାମ୍ୟକମିଟି ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶିକ୍ଷକଙ୍କ ଅନ୍ୟତ୍ର ବଦଳି ହେଲେ ଏଠାରେ ପାଠ ପଢାରେ ସମସ୍ୟା ହେବ। ତେଣୁ ଏକ ବୈଠକ କରାଯାଇ ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ଗାଁ ସଭାପତି ଚନ୍ଦ୍ରମଣି ପ୍ରଧାନ, ସମ୍ପାଦକ ରବୀନ୍ଦ୍ର ବେହେରା, ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ଯୁବ ମଞ୍ଚ ସଭାପତି ଦୀପକ କୁମାର ପ୍ରଧାନ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଶୁକ୍ରବାର ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ ଓ ବ୍ଲକ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଭେଟି ବଦଳି ପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରଶାସନ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି।



# ଚୋରା କେନ୍ଦୁପତ୍ର ଜବତ

**ମାଧପୁର,୧୭।୬**

ଅନୁଗୋଳ ଜିଲା ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳ ଟୁସର ପଞ୍ଚାୟତ ଉରଡା ଗ୍ରାମ ନିକଟରେ ବୁଧବାର ରାତିରେ ମାଧପୁର ବନବିଭାଗ ଏବଂ ବାମୁର ବନବିଭାଗ ଚଢ଼ାଉ କରି ଏକ ଚୋରା କେନ୍ଦୁପତ୍ର ବୋଝେଇ ଟ୍ରକ୍ ଜବତ କରିଛି। ଉକ୍ତ ଟ୍ରକ୍‌ରୁ ୭୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ କେନ୍ଦୁପତ୍ର ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ ସୂଚନା ଦେଇଛନ୍ତି। ଘଟଣାସ୍ଥଳରୁ ଡ୍ରାଇଭର, ହେଲପର ଫେରାର ହୋଇଯାଇଛନ୍ତି। ଆଠମଲ୍ଲିକ ଡିଏଫଓ ଏସ୍. ଆନନ୍ଦଙ୍କ ନିର୍ଦ୍ଦେଶକ୍ରମେ ମାଧପୁର ରେଞ୍ଜର ସନ୍ତୋଷ କୁମାର ଭୋଇ ଏବଂ ବାମୁର ରେଞ୍ଜର ସରୋଜ କୁମାର ମିଶ୍ର ଏହି ଚଢ଼ାଉରେ ସାମିଲ ଥିଲେ। ଚୋରା କେନ୍ଦୁପତ୍ର ସହିତ ଟ୍ରକ୍‌କୁ ଆଠମଲ୍ଲିକ ବନଖଣ୍ଡ କାର୍ଯ୍ୟାଳୟକୁ ପଠାଯାଇଥିବା ଜଣାପଡ଼ିଛି।




ଜବତ କେନ୍ଦୁପତ୍ର ବୋଝେଇ ଟ୍ରକ୍ ସହ ବନ ବିଭାଗ କର୍ମଚାରୀମାନେ।

# ୧୦ ଦିନ ହେବ କ୍ଷତି କରୁଛନ୍ତି ହାତୀ ପଲ

**ଛେଣ୍ଡିପଦା,୧୭।୬(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ଡଙ୍ଗାପାଳ ଗ୍ରାମରେ ୧୦ ଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ଫଳରେ ବ୍ୟାପକ କ୍ଷୟକ୍ଷତିକୁ ନେଇ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ପ୍ରକାଶ ଯେ, ଅନୁଗୋଳ ବନଖଣ୍ଡ ଛେଣ୍ଡିପଦା ବନାଞ୍ଚଳ ସୀମାନ୍ତ କଣଲୋଇ, ମାରୁଡିପ, ନୂଆଗାଁ, ଡଙ୍ଗାପାଳ ଆଦି ଗ୍ରାମରେ ହାତୀ ପଲ ଫସଲ ନଷ୍ଟ କରୁଛନ୍ତି। ଛେଣ୍ଡିପଦା ରେଞ୍ଜ ଡଙ୍ଗାପାଳ ଜଙ୍ଗଲରେ ଦିନରେ ରହି ରାତିରେ ଖାଦ୍ୟ ଅନ୍ୱେଷଣରେ ଗ୍ରାମାଭିମୁଖୀ ହେଉଛନ୍ତି। ଏକ ୧୨ ଟିକିଆ ହାତୀପଲ ଗାଁ ଭିତରେ ପଶି ସତ୍ୟବାଦୀ ସାହୁଙ୍କର ଶଗଡ଼ ଗାଡ଼ି, ଦୀନବନ୍ଧୁ ପ୍ରଧାନଙ୍କ ଗୁହାଳଘର ଭାଙ୍ଗି ଦେଇଥିବା ବେଳେ ଦୈତାରୀ ପ୍ରଧାନ, ପର୍ଶୁରାମ ପ୍ରଧାନ, ପଙ୍କୁ ପ୍ରଧାନ, ମାନସ ପ୍ରଧାନ ପ୍ରମୁଖ ଚାଷୀଙ୍କ ପଣସ, ପୋଟଳ, ଆମ୍ବ ଆଦି ଅର୍ଥକରୀ ଫସଲକୁ ନଷ୍ଟ କରିଛନ୍ତି। ବନ ବିଭାଗ ନିକଟରେ ଅଭିଯୋଗ କରାଯାଉଥିଲେ ହେଁ କୌଣସି ପଦକ୍ଷେପ ନେଉନାହିଁ। ଏ ସମ୍ପର୍କରେ ଛେଣ୍ଡିପଦା ରେଞ୍ଜର ପ୍ରତାପ ଚନ୍ଦ୍ର ରାଉଳ କହିଛନ୍ତି, କଣଲୋଇ ସଂରକ୍ଷିତ ଜଙ୍ଗଲରେ ୧୮ଟି ଓ ଡଙ୍ଗାପାଳ ସଂରକ୍ଷିତ ଜଙ୍ଗଲରେ ୧୪ଟି ହାତୀ ରହୁଛନ୍ତି। ବନକର୍ମଚାରୀ ଓ ହାତୀ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡାଇବା ସହିତ ଜନସାଧାରଣଙ୍କୁ ସଚେତନ କରାଉଛନ୍ତି। ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ଯୋଗାଇ ଦିଆଯାଉଛି।



କ୍ଷୟକ୍ଷତିର ଶିକାର ହୋଇଥିବା ଚାଷୀ।

# ସ୍ପୋର୍ଟ୍ସ ଦୋକାନରେ ଟିକେଟ୍ ବିକ୍ରି ଅଭିଯୋଗ ସତ

**ଅନୁଗୋଳ ଅଫିସ,୧୭।୬**

- ଅନୁଗୋଳ ଜିଲା କ୍ରିକେଟ ଆସୋସିଏଶନ ବୈଠକ
- ଗ୍ରହଣ ହେଲାନି କୋଷାଧ୍ୟକ୍ଷଙ୍କ ଇସ୍ତଫା

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗତ ୧୨ ତାରିଖରେ ବାରବାଟୀରେ ଖେଳାଯାଇଥିବା ଟି-୨୦ ମ୍ୟାଚ ପାଇଁ ଅନୁଗୋଳ ଜିଲା କ୍ରିକେଟ୍ ଆସୋସିଏଶନ (ଏଡିସିଏ)କୁ ମିଳିଥିବା ଟିକେଟ୍ ମଧ୍ୟରୁ କେତୋଟି ଟିକେଟ୍ ଏକ ସ୍ପୋର୍ଟ୍ସ ଦୋକାନରେ ବ୍ଲାକରେ ବିକ୍ରି କରାଯାଇଥିବା ଅଭିଯୋଗରେ ସତ୍ୟତା ରହିଛି। ଗୁରୁବାର ଅନୁଷ୍ଠିତ ଏଡିସିଏ ବୈଠକରେ ଏହା ସ୍ୱୀକାର କରାଯାଇଛି। ସେହିପରି ଟିକେଟ୍ ବଣ୍ଟନ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି କୋଷାଧ୍ୟକ୍ଷ ପଦରୁ ରଞ୍ଜନ କୁମାର ଧୀରସାମନ୍ତ ଇସ୍ତଫା ଦେଇଥିଲେ ମଧ୍ୟ ତାହାକୁ ଏଡିସିଏ ବୈଠକରେ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି।

ପ୍ରକାଶ ଯେ, ଅନୁଗୋଳ ଜିଲା କ୍ରିକେଟ୍ ଆସୋସିଏଶନକୁ ମିଳିଥିବା ଟିକେଟ ଓ ପାସ୍ ବିକ୍ରି ହୋଇଥିବା ନେଇ ବିଭିନ୍ନ ମହଲରୁ ଅଭିଯୋଗ ଉଠିବା ପରେ ଆସୋସିଏଶନ ପରିଚାଳନା ବୈଠକ ଡକାଯାଇଥିଲା। ଏଥିରେ ଏଡିସିଏ ସଭାପତି ପ୍ରତାପ ଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ୨ ଜଣ ସଦସ୍ୟଙ୍କୁ ଛାଡ଼ି ଅନ୍ୟ ସମସ୍ତ କର୍ମକର୍ତ୍ତା ବୈଠକରେ ଉପସ୍ଥିତ ଥିଲେ। ତେବେ କୋଷାଧ୍ୟକ୍ଷ ଧୀରସାମନ୍ତଙ୍କ ଇସ୍ତଫାକୁ ଗ୍ରହଣ କରାଯାଇ ନ ଥିଲା। ଏହାପରେ ଟିକେଟ୍ ବିକ୍ରି ଅଭିଯୋଗକୁ ନେଇ ୨ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏ ନେଇ ଏଡିସିଏ ସମ୍ପାଦକ ସାଗର ମିଶ୍ର କହିଛନ୍ତି, କୋଷାଧ୍ୟକ୍ଷଙ୍କ ଇସ୍ତଫା ଗ୍ରହଣ କରାଗଲା ନାହିଁ। ସେ ପୂର୍ବଭଳି ତାଙ୍କ କାର୍ଯ୍ୟ କରିବେ। ସେହିଭଳି ଏଡିସିଏ ଭାଗରେ ପଡ଼ିଥିବା ୨୩ଟି କମ୍ପ୍ଲିମେଣ୍ଟାରି ଟିକେଟ୍‌ରୁ ଓଲ୍ଡ ପାଭିଲିଅନର ଗୋଟିଏ ଟିକେଟ୍ ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବତନ ରଣଜି ଖେଳାଳିଙ୍କୁ ୨ଟି, ଆସୋସିଏଶନ ସଦସ୍ୟଙ୍କୁ ଗୋଟିଏ, ଜିଲାପାଳଙ୍କୁ କ୍ଲବ ହାଉସର ୨ଟି ଟିକେଟ୍ ପ୍ରଦାନ କରାଯାଇଥିଲା। ବିସିସିଆଇ ବକ୍ସରେ ଆସୋସିଏଶନ ସମ୍ପାଦକ ବସିଥିଲେ। ଜିଲା କ୍ରୀଡ଼ା ଅଧିକାରୀଙ୍କ ପାଇଁ ମଧ୍ୟ ଟିକେଟ୍ ବ୍ୟବସ୍ଥା କରାଯାଇଥିଲା। ଏଥିସହ ଜିଲାର ଜଣେ ଖବରଦାତାଙ୍କୁ ପାସ୍ ପ୍ରଦାନ କରାଯାଇଥିଲା। ସେହିପରି ଜିଲାକୁ ମିଳିଥିବା ୧୧୩ଟି କୋଟା ଟିକେଟ୍‌ରୁ ଅମଲାପଡ଼ାର ଏକ ସ୍ପୋର୍ଟ୍ସ ଦୋକାନରେ ୨ ଟିକେଟ୍ ବିକ୍ରି କରାଯାଇଥିବା କଥା ତର୍ଜମା ସମୟରେ ଜଣାପଡିଛି। କୋଟାରେ ଆସିଥିବା ଟିକେଟରୁ ସେ ୨ଟି ଟିକେଟ୍ ନେଇଥିଲେ। ପରବର୍ତ୍ତୀ ସମୟରେ ଚଢା ଦରରେ ବିକ୍ରି କରିଛନ୍ତି। ତେଣୁ ଆଗାମୀ ଦିନରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କୌଣସି ଟିକେଟ ଏଡିସିଏ ପ୍ରଦାନ କରିବ ନାହିଁ। ତେବେ ଟିକେଟ ବଣ୍ଟାଯିବା ପୂର୍ବରୁ ସାଧାରଣ ପରିଷଦ ବୈଠକ ହେବା କଥା। ତାହା ହୋଇ ନ ଥିବାରୁ ସମସ୍ୟା ଉପୁଜିଛି। ଆଗକୁ କିଭଳି ଏ ଭୁଲର ପୁନରାବୃତ୍ତି ନ ହେବ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି।



**ସୋମବାର ହିନ୍ଦୋଳରେ ଜନଶୁଣାଣି**

**ଢେଙ୍କାନାଳ ଅଫିସ:** ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟରେ ଆସନ୍ତା ସୋମବାର (୨୦ ତାରିଖ) ପୂର୍ବାହ୍ନ ସାଢ଼େ ୧୦ଟାରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ, ପୋଲିସ ବିଭାଗର ପଦସ୍ଥ ଅଧିକାରୀଙ୍କ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିବେ। ଅଞ୍ଚଳବାସୀ ଶିବିରରେ ଯୋଗଦେଇ ସେମାନଙ୍କ ଆପତ୍ତି ଅଭିଯୋଗ ଶୁଣାଇପାରିବେ। ଏହାର ସୁଯୋଗ ନେବାକୁ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

## ସଂକ୍ଷେପରେ

### ତୈଳିକ ବୈଶ୍ୟ ସମାଜ ସମ୍ମିଳନୀ



**ଢେଙ୍କାନାଳ ଅଫିସ, ୧୭।୬:** ଢେଙ୍କାନାଳ ଜିଲା ଗଁଦିଆ ସାନ୍ଧାପଶିପାଟଣା ତୈଳିକ ବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ ଜୟଦେବ ସାହୁଙ୍କ ସଭାପତିତ୍ୱରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ୨୦୨୨-୨୩ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ୨୦୨୧-୨୨ ବର୍ଷର ଆୟବ୍ୟୟର ହିସାବ ବିବରଣୀ ପ୍ରଦାନ କରାଯାଇଥିଲା। ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ ଆର୍ଥିକ ଉନ୍ନତି, ପାରିବାରିକ ସମସ୍ୟାର ସମାଧାନ, ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ବ୍ଲକସ୍ତରୀୟ ତୈଳିକ ସମାଜ ଗଠନ କରାଯିବା ପାଇଁ କାଳିନ୍ଦୀ ଚରଣ ସାହୁ ପ୍ରସ୍ତାବ ଦେଇଥିଲେ। ପ୍ରାଣବନ୍ଧୁ ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ, ପୀତବାସ ସାହୁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ରଥ ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ

**ଢେଙ୍କାନାଳ ଅଫିସ, ୧୭।୬:** ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। କାଠ ଯୋଗାଣରେ ବିଳମ୍ବ କାରଣରୁ ଚଳିତବର୍ଷ ସାମାନ୍ୟ ଧିମେଇଛି ରଥ କାମ। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିବାବେଳେ ଶୁକ୍ରବାର ସକାଳେ ଜିଲାପାଳ ସରୋଜ କୁମାର ସେଠୀ ରଥଗଡ଼ାଠାରେ ରଥ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ରଥ ଲାଗି ମହଜୁଦ୍ ଥିବା କାଠ, ନିର୍ମାଣ କାର୍ଯ୍ୟ ବୁଲି ଦେଖିବା ସହ କାରିଗରଙ୍କୁ ଏ ବିଷୟରେ ପଚାରି ବୁଝିଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ଯେପରି ୨ଟି ରଥର ନିର୍ମାଣ ସୁରୁଖୁରୁରେ ହେବ, ସେଥିଲାଗି ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଏଥିସହ ରଥଖଳା ଚାରିପଟେ ବ୍ୟାରିକେଡ୍ କରିବା, ଏହାର ପରିସରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଲାଗି ଧ୍ୟାନ ଦେବାକୁ ସେ ପୌର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ଆଦିତ୍ୟ ହେଲେ ଜିଲା କ୍ରୀଡ଼ା ସଂସଦ ଉପସଭାପତି



**କାମାକ୍ଷାନଗର, ୧୭।୬ (ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଆଥଲେଟିକ୍ସ ଆସୋସିଏଶନର ଉପସଭାପତି ଭାବେ କାମାକ୍ଷାନଗର ବ୍ଲକର ବରିଷ୍ଠ କ୍ରୀଡ଼ାବିତ୍ ଆଦିତ୍ୟ କୁମାର ଆଚାର୍ଯ୍ୟ ନିର୍ବାଚିତ ହୋଇଛନ୍ତି। ଏଥିପୂର୍ବରୁ ସେ କ୍ରୀଡ଼ା ସଂସଦର ଯୁଗ୍ମ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ। ଏଥିସହ ଓଡ଼ିଶା ଭଲିବଲ ଆସୋସିଏଶନର ଯୁଗ୍ମ ସମ୍ପାଦକ ଭାବେ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ କାମାକ୍ଷାନଗର ଅଞ୍ଚଳର କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଜିଲାର କ୍ରୀଡ଼ାର ବିକାଶକୁ ଆଗକୁ ନେବା ଲାଗି ସେ କାର୍ଯ୍ୟ କରିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ଅଧିକାରୀ କରୁଛନ୍ତି ପକ୍ଷପାତିତା

**ଭୁବନ, ୧୭।୬(ଡି.ଏନ୍.ଏ.)**

ଉନ୍ନୟନମୂଳକ କାର୍ଯ୍ୟରେ ପ୍ରଶାସନିକ ଅଧିକାରୀ ପକ୍ଷପାତିତା କରୁଥିବା ଅଭିଯୋଗରେ ଶୁକ୍ରବାର ଢେଙ୍କାନାଳ ଜିଲା ଭୁବନ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଘେରିଛନ୍ତି ଭାଜପା କାର୍ଯ୍ୟକର୍ତ୍ତା। ଏହାକୁ ନେଇ ଚାପା ଉତ୍ତେଜନା ଦେଖାଦେଇଥିଲା।

- ଅଭିଯୋଗ ଆଣିଲେ ଭାଜପା ସମର୍ଥିତ ସରପଞ୍ଚ
- କାର୍ଯ୍ୟାଳୟରେ ବିଡିଓଙ୍କୁ ଘେରାଉ, ଉତ୍ତେଜନା
- ୭ଦିନ ମଧ୍ୟରେ ସମସ୍ୟା ସମାଧାନ ପ୍ରତିଶ୍ରୁତି



ବିଡିଓଙ୍କୁ ଭାଜପା କର୍ମକର୍ତ୍ତାମାନେ ଘେରାଉ କରିଛନ୍ତି।

ବିଡିଓ ଆଶୀର୍ବାଦ ବେହେରା ଅଭିଯୋଗର ଅନୁଧ୍ୟାନ କରି ୭ଦିନ ମଧ୍ୟରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବାପରେ ସେମାନେ ଶାନ୍ତ ପଡ଼ିଥିଲେ।

ଅଭିଯୋଗ ଅନୁଯାୟୀ, ଯମୁନାକୋଟ, ସୁରପ୍ରତାପପୁର ଏବଂ ଦୟଣାବିଲ ପଞ୍ଚାୟତରେ ଭାଜପା ସମର୍ଥିତ ସରପଞ୍ଚ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏସବୁ ପଞ୍ଚାୟତରେ ଉଦ୍ଦେଶ୍ୟମୂଳକ ଭାବେ ରାଶନ କାର୍ଡଧାରୀଙ୍କୁ ସାମଗ୍ରୀ ବଣ୍ଟନରେ ଅନିୟମିତତା ହେଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନରେ ପାତରଅନ୍ତର କରାଯାଉଛି। ଉନ୍ନୟନମୂଳକ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ଅସହଯୋଗ କରୁଛନ୍ତି। ଏଭଳି ଏକାଧିକ ସମସ୍ୟା ସମ୍ପର୍କରେ ପୂର୍ବରୁ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶତ୍ରୁଘ୍ନ ଜେନାଙ୍କ ନେତୃତ୍ୱରେ ପୂର୍ବତନ ଜିଲା ସଭାପତି ପ୍ରେମାନନ୍ଦ ଜେନା, ସୁରପ୍ରତାପପୁର ସରପଞ୍ଚ ସୁନି ସାମଲ, ଦୟଣାବିଲ ସରପଞ୍ଚ ରୋଜାଲିନ ଆଏଚ୍, ଯମୁନାକୋଟ ସରପଞ୍ଚ ରଞ୍ଜନ ବାରିକ, ବାରୁଆଁ (ବି) ପଞ୍ଚାୟତ ଭାଜପା ସଭାପତି ସଞ୍ଜୟ କୁମାର ଦାସ, ବରିଷ୍ଠ କର୍ମକର୍ତ୍ତା ଭଜମନ ସାମଲ ପ୍ରମୁଖ ବହୁ କର୍ମୀ ବିଡିଓଙ୍କୁ ତାଙ୍କ କାର୍ଯ୍ୟାଳୟରେ ଘେରିଥିଲେ। ଅପ୍ରୀତିକର ପରିସ୍ଥିତି ଉପୁଜିବା ଆଶଙ୍କାରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା। ଭାଜପା ନେତା ଏବଂ କର୍ମୀଙ୍କ ଅଭିଯୋଗକୁ ସକାରାତ୍ମକ ଭାବେ ବିଚାର କରାଯିବ। ୭ଦିନ ମଧ୍ୟରେ ଅନୁଧ୍ୟାନ କରି ସମସ୍ୟା ସମାଧାନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।

# ପ୍ରଥମ ଥର ପଟିଦିଅଁଙ୍କ ପୂଜା

**ଢେଙ୍କାନାଳ ଅଫିସ, ୧୭।୬**

**ଡୁବୁରିପାହାଡ଼ ଜଗନ୍ନାଥ ପୀଠରେ ଯୋଡ଼ିହେଲା ନୂଆ ପରମ୍ପରା**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇସିଆଁ ଗ୍ରାମ ଡୁବୁରିପାହାଡ଼ ଉପରେ ପ୍ରାଚୀନ କାଳରୁ ପୂଜା ପାଇ ଆସୁଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅଣସର ନୀତି ପବିତ୍ର ସ୍ନାନପୂର୍ଣ୍ଣିମାରୁ ଆରମ୍ଭ ହୋଇଛି। ଏହି ଅବସରରେ ରତ୍ନବେଦୀରେ ଚାଲିଛି ପଟିଦିଅଁଙ୍କ ପୂଜା। ଜଗନ୍ନାଥ ମନ୍ଦିରରେ ପ୍ରଥମ କରି ପଟିଦିଅଁଙ୍କ ପୂଜା ଆରମ୍ଭ ହୋଇଥିବା ବେଳେ ପୀଠ ଇତିହାସରେ ଯୋଡ଼ି ହୋଇଛି ନୂଆ ପରମ୍ପରା। ଏହାକୁ ନେଇ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ମଧ୍ୟରେ ବିପୁଳ ଉତ୍କଣ୍ଠା ପ୍ରକାଶ ପାଇଛି।

ଡୁବୁରିପାହାଡ଼ ଉପରେ ମହାପ୍ରଭୁ ଜଗନ୍ନାଥଙ୍କ ମୁଖ୍ୟ ଆସ୍ଥାନ ଥିବାବେଳେ ପାହାଡ଼ ପାଦଦେଶରେ ରହିଛି ସ୍ନାନମଣ୍ଡପ। ପ୍ରତିବର୍ଷ ଚତୁର୍ଦ୍ଧାବିଗ୍ରହଙ୍କୁ ସ୍ନାନବେଦୀକୁ ଅଣାଯାଇ ପରମ୍ପରା ଅନୁଯାୟୀ ନୀତିକାନ୍ତି କରାଯାଇଥାଏ। ଚଳିତ ବର୍ଷ ଚନ୍ଦନ, କର୍ପୂର ମିଶ୍ରିତ ସୁଗନ୍ଧିତ ଜଳରେ ଠାକୁରଙ୍କ ସ୍ନାନ କରାଯାଇଥିଲା। ସନ୍ଧ୍ୟାରେ ମହାପ୍ରଭୁ ଅଣସର ଘରକୁ ବିଜେ କରିଥିଲେ। ପ୍ରଥମ କରି ପୁରୀର ବିଶିଷ୍ଟ ଚିତ୍ରଶିଳ୍ପୀ ପଙ୍କଜ



ରତ୍ନ ସିଂହାସନରେ ପୂଜା ପାଉଥିବା ପଟିଦିଅଁ।

ବେହେରାଙ୍କ ଦ୍ୱାରା ପ୍ରସ୍ତୁତ ପଟିଦିଅଁ ରତ୍ନସିଂହାସନରେ ପୂଜା ପାଉଛନ୍ତି। ପୁରୀ ଗୁଣ୍ଡିଚା ମନ୍ଦିର ନିକଟରେ ଥିବା ଆର୍ଟ ଏମ୍ପୋରିୟମ୍‌ର ସ୍ୱତ୍ୱାଧିକାରୀ ସରୋଜ ବେହେରା ପଟିଦିଅଁଙ୍କୁ ଆଣି କମିଟି ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ। ଏହାପରେ ସେଠାରେ ବିଧିବଦ୍ଧ ଭାବେ ପୂଜା ଆରମ୍ଭ ହୋଇଛି।

# ଉତ୍ତମ ସେବା ପ୍ରଦାନ ନିର୍ଦ୍ଦେଶ



ଜିଲାପାଳଙ୍କୁ ତହସିଲଦାର ବିଭିନ୍ନ ବିଷୟରେ ଅବଗତ କରାଉଛନ୍ତି।

**ଢେଙ୍କାନାଳ ଅଫିସ, ୧୭।୬**

ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠୀ ଶୁକ୍ରବାର ଅଚାନକ ସଦର ତହସିଲ ଅଫିସ୍ ପରିଦର୍ଶନ କରିଥିଲେ। ସମସ୍ତ ବିଭାଗ ବୁଲିବା ସହ କାର୍ଯ୍ୟକ୍ଷେତ୍ରରେ ସୃଷ୍ଟି ହେଉଥିବା ସମସ୍ୟା, ଏହାର ସମାଧାନ ନେଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ '୫-ଟି' ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବା, ଜନସାଧାରଣଙ୍କୁ ହଇରାଣ ନ କରି ସର୍ବୋତ୍ତମ ସେବା ପ୍ରଦାନ, ଜାତିଗତ ଓ ବାସସ୍ଥାନ ପ୍ରମାଣପତ୍ର ପାଇଁ ଆବେଦନ କରୁଥିବା ପିଲାଙ୍କୁ ତ୍ୱରିତ ସେବା ଯୋଗାଇଦେବାରେ ଯତ୍ନବାନ ହେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ତହସିଲ କାର୍ଯ୍ୟାଳୟକୁ ଆସୁଥିବା ବିଭିନ୍ନ ହିତାଧିକାରୀ ଯେପରି ଖୁସିମନରେ ଫେରିବେ, ସେଥିଲାଗି ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ଜମି ମ୍ୟୁଟେଶନ, ବେବନ୍ଦୋବସ୍ତ ଆଦି କାର୍ଯ୍ୟ ସମ୍ପର୍କରେ ଜିଲାପାଳ ତହସିଲଦାର ଅନୁପମା ମୁର୍ମୁଙ୍କଠାରୁ ପଚାରି ବୁଝିଥିଲେ। ତହସିଲଦାର ଅଫିସ କାର୍ଯ୍ୟାବଳୀ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ।

**ପରିସ୍ରାନଳୀରେ ବ୍ଲାଡର**

# ନବଜାତକ ଶରୀରରେ ଜଟିଳ ସଂରଚନା

**ଢେଙ୍କାନାଳ ଅଫିସ, ୧୭।୬**

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଜଟିଳ ଶାରୀରିକ ସଂରଚନା ଥିବା ଏକ ସନ୍ତାନ ଜନ୍ମ ହୋଇଛି। ନବଜାତକର ପରିସ୍ରାନଳୀରେ ଜନ୍ମରୁ ସଂଯୋଗ ହୋଇରହିଛି ଏକ ବ୍ଲାଡର। ନିର୍ଦ୍ଧାରିତ ସମୟ ପୂର୍ବରୁ ଶିଶୁଟି ଜନ୍ମ ହୋଇଥିବାରୁ ଏଭଳି ତ୍ରୁଟି ପରିଲକ୍ଷିତ ହୋଇଥିବା ବିଶେଷଜ୍ଞମାନେ କହିଛନ୍ତି।

ଡାକ୍ତରଖାନା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପ୍ରସବ ପାଇଁ ଜଣେ ମହିଳା ଗୁରୁବାର ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଏହାଥିଲା ତାଙ୍କର ଦ୍ୱିତୀୟ ଗର୍ଭ। ଅସ୍ତ୍ରୋପଚାର ମାଧ୍ୟମରେ ପ୍ରସବ କରାଯାଇଥିଲା। ତେବେ ସାଢ଼େ ୭ମାସରେ ଜନ୍ମିତ ଶିଶୁର ପ୍ରଥମେ ପରିସ୍ରାନଳୀ ଜଣାପଡ଼ି ନ ଥିଲା। କାରଣ ପରିସ୍ରାନଳୀରେ ଏକ ବ୍ଲାଡର ଲାଗିଥିଲା। ତେଣୁ ଏହା ପୁଅ କି ଝିଅ ତାହା ଚିହ୍ନଟ କରିବାରେ ଡାକ୍ତରମାନେ ଅକଳରେ ପଡ଼ିଥିଲେ। ନବଜାତକ ଏବେ ଜିଲା ଚିକିତ୍ସାଳୟର ସ୍ପେଶାଲ ନ୍ୟୁବର୍ଣ୍ଣ କେୟାର ୟୁନିଟ୍ (ଏସ୍‌ଏନ୍‌ସିୟୁ)ରେ ଚିକିତ୍ସାଧୀନ ଅଛି। ଏ ସଂକ୍ରାନ୍ତରେ ସ୍ତ୍ରୀରୋଗ ବିଶେଷଜ୍ଞ ଡା. ରଞ୍ଜନ ସାମଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ପିଲାଟି ପ୍ରି ମାଚ୍ୟୁର ବେବି। ୧ କେଜି ୭୦୦ ଗ୍ରାମ ଓଜନବିଶିଷ୍ଟ ଏହି ଶିଶୁର ପରିସ୍ରା ନଳୀରେ ଏକ ବ୍ଲାଡର ଲାଗିଛି। ଏହା ପୁତ୍ର ସନ୍ତାନ ବୋଲି ଅନୁମାନ କରାଯାଉଛି। ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ସ୍ଥିର ହେବା ପରେ ନବଜାତକକୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯିବ। ସେଠାରେ ଅଲଟ୍ରାସାଉଣ୍ଡ ଏବଂ ଅଧିକ ଚିକିତ୍ସା କରାଯାଇପାରିବ ବୋଲି ସେ ସୂଚନା ଦେଇଛନ୍ତି।

# କଂଗ୍ରେସର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ




ଆନ୍ଦୋଳନରେ ସାମିଲ ହୋଇଥିବା କଂଗ୍ରେସ କାର୍ଯ୍ୟକର୍ତ୍ତା ବୃନ୍ଦ।

**ଢେଙ୍କାନାଳ ଅଫିସ, ୧୭।୬**

ଆକ୍ରୋଶମୂଳକ ଭାବେ ରାହୁଲ ଗାନ୍ଧୀଙ୍କୁ ଇଡିର ଜେରା ଏବଂ ଦିଲ୍ଲୀ କଂଗ୍ରେସ ଅଫିସ୍‌ରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ମୁଖ୍ୟ ଡାକଘର ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସରୋଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ବ୍ଲକ ସଭାପତି, କଂଗ୍ରେସ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଅସହିଷ୍ଣୁ ହୋଇପଡ଼ିଛି। ଏକଚ୍ଛତ୍ରବାଦ ଚଳାଇଛି। ଏହାକୁ ସହ୍ୟ କରାଯିବ ନାହିଁ ବୋଲି ଦଳୀୟ ନେତାମାନେ କହିଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସୁବାସିନୀ ମହାକୁଡ, ସୁନୀଲ ଦାଶ, ପ୍ରେମଶଙ୍କର ମିଶ୍ର, ହାଇଦର ମହମ୍ମଦ, ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ଦାସ, ସ୍ମିତାରାଣୀ ସାମଲ, ବିପ୍ରବର ସାହୁ, ନିର୍ମଳ ମିଶ୍ର, ଡମ୍ବରୁ ସେଠୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ଦଳ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା।

# ଜଗନ୍ନାଥ ମନ୍ଦିର ରତ୍ନମୁଦ ଉତ୍ସବ

**ପରଜଙ୍ଗ, ୧୭।୬ (ଡି.ଏନ.ଏ.)**



ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ରଘୁନାଥପୁରରେ ନିର୍ମାଣାଧୀନ ଜଗନ୍ନାଥ ମନ୍ଦିରର ରତ୍ନମୁଦ ମହୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା କରାଯିବା ପରେ ରତ୍ନମୁଦ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବିଧାୟକ ଡା. ନୃସିଂହ ଚରଣ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ଜିଲା ପରିଷଦ ସଦସ୍ୟ ରୁନୁ ବର୍ମା, ଆଖୁଆପାଳ ସରପଞ୍ଚ ସସ୍ମିତା ସାହୁ, ବିଜେଡି ନେତା ପ୍ରଦୀପ ବେହେରା, ଜମ୍ବେଶ୍ୱର ବର୍ମା, ସମୀର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ମନ୍ଦିର କମିଟି ସଭାପତି ବାବା ସନ୍ତୋଷ ଚୈତନ୍ୟ, ସମସ୍ତ କର୍ମକର୍ତ୍ତାଙ୍କ ସମେତ ଗ୍ରାମବାସୀ ସହାୟତା କରିଥିଲେ।

# କାର୍ଯ୍ୟକ୍ଷମ ହେଲା ଆଦର୍ଶ ବିଦ୍ୟାଳୟ

**ଭୁବନ, ୧୭।୬(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପୁରୁଷୋତ୍ତମପୁର ଗ୍ରାମସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶୁକ୍ରବାରଠାରୁ କାର୍ଯ୍ୟକ୍ଷମ ହୋଇଛି। ଏଠାରେ ଷଷ୍ଠରୁ ଦ୍ୱାଦଶ ଯାଏ ଶିକ୍ଷାଦାନ ବ୍ୟବସ୍ଥା ଥିବାବେଳେ ପ୍ରଥମ ବ୍ୟାଚ୍ ଅର୍ଥାତ୍ ଷଷ୍ଠ ଶ୍ରେଣୀର ୮୪ଜଣ ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ପ୍ରଥମ ଦିନରେ ୬୭ଜଣ ପିଲା ଉପସ୍ଥିତ ଥିବାବେଳେ ଶିକ୍ଷାଦାନକୁ ନେଇ ସେମାନଙ୍କ ମଧ୍ୟରେ ବିପୁଳ ଉତ୍ସାହ ପ୍ରକାଶ ପାଇଥିଲା। ବ୍ଲକ ଶିକ୍ଷାଧିକାରୀ ତଥା ବିଦ୍ୟାଳୟ ଅଧ୍ୟକ୍ଷ ପ୍ରତାପ କୁମାର ଶତପଥୀ,



ପ୍ରାର୍ଥନା ସଭାରେ ପ୍ରଥମ ବ୍ୟାଚ୍‌ର ଛାତ୍ରୀଛାତ୍ରମାନେ।

ଏବିଇଓ ସୁମତି ପ୍ରଧାନ, ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକମାନେ ପ୍ରାର୍ଥନା ସଭାରେ ଛାତ୍ରୀଛାତ୍ରଙ୍କୁ ଫୁଲଚନ୍ଦନ ଦେଇ ସ୍ୱାଗତ କରିଥିଲେ। ବହୁ ସଂଖ୍ୟାରେ ଅଭିଭାବକ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# 'ମନ୍ଦିର ଉନ୍ନତି ପାଇଁ ଏକାଠି ହୁଅ'

**ଢେଙ୍କାନାଳ ଅଫିସ, ୧୭।୬**

**ଲଡୁକେଶ୍ୱର ମହାଦେବଙ୍କ ପୀଠରେ ରଜ ଉତ୍ସବ**

ଢେଙ୍କାନାଳ ସଦର ବ୍ଲକ ନଡ଼ିଆଳୀ ଗ୍ରାମର ପ୍ରାଚୀନ ଲଡୁକେଶ୍ୱର ମହାଦେବଙ୍କ ମନ୍ଦିରରେ ୩ଦିନ ଧରି ଚାଲିଥିବା ରଜ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ରଜପର୍ବ ହେଉଛି ଭାଇଚାରା ଓ ପରମ୍ପରାର ପ୍ରତୀକ। ଗ୍ରାମାଞ୍ଚଳରେ ଥିବା ମଠମନ୍ଦିର ସହିତ ଯୋଡ଼ିହୋଇ ରହିଛି ସାଂସ୍କୃତିକ ଏବଂ ଧର୍ମୀୟ ଭାବନା। ଏଥିଲାଗି ମୁଖ୍ୟମନ୍ତ୍ରୀ ରାଜ୍ୟର ପୁରାତନ ମନ୍ଦିରଗୁଡ଼ିକର ଉନ୍ନତୀକରଣ ଲାଗି ଗୁରୁତ୍ୱ ଦେଉଛନ୍ତି। ମଠମନ୍ଦିରଗୁଡ଼ିକର ବିକାଶ ଲାଗି ଗ୍ରାମବାସୀ ଏକାଠି ହେବାକୁ ଏମ୍‌ପି ଆହ୍ୱାନ ଦେଇଛନ୍ତି।

ଜିଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳୀୟ ଜଗନ୍ନାଥ ସଂସ୍କୃତିରେ ଥିବା ଭ୍ରାତୃ ପ୍ରେମର ପ୍ରତିଫଳନ ରଜପର୍ବରେ ପରିଲକ୍ଷିତ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସପ୍ତଶଯ୍ୟା ସରପଞ୍ଚ ଅଭିମନ୍ୟୁ ବେହେରା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପୂର୍ବତନ ସରପଞ୍ଚ ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନାଗରିକ ପରିଷଦର ଉପସଭାପତି ଅଖିଳ ମହାପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ମହେନ୍ଦ୍ର ସାହୁ, କ୍ଷେତ୍ରବାସୀ ସାହୁ, ଟୁକୁନା ବେହେରା, ବସନ୍ତ ରାଉତ, ଗ୍ରାମ ସଭାପତି ଭଜମନ ବେହେରା, ଜମେଶ୍ୱର ସାହୁ, ମାଗୁଣି ସାହୁ, ଗଣେଶ୍ୱର ସାହୁ, ସୁଦାମ କୁମାର ବେହେରା ପ୍ରମୁଖ ମହୋତ୍ସବର ପରିଚାଳନା କରିଥିଲେ। ଜିଲା ସକ୍ରିୟ ନାଗରିକ ପରିଷଦ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହାର ଆୟୋଜନ କରାଯାଇଥିଲା।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଏମ୍‌ପି ମହେଶ ସାହୁଙ୍କ ସମେତ ଅନ୍ୟ ଅତିଥି ବୃନ୍ଦ।

# ସରିଲା ଆଳତୁମା ରଜ ମହୋତ୍ସବ

**କାମାକ୍ଷାନଗର, ୧୭।୬(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଆଳତୁମା ଆମ୍ବତୋଟାରେ ୩ଦିନ ଧରି ଚାଲିଥିବା ଦ୍ୱାଦଶ ରଜ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ରଜ ମହୋତ୍ସବ କମିଟି ସଭାପତି ବାଳକୃଷ୍ଣ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ସମ୍ମାନିତ ଅତିଥି ନଗରପାଳ ଧର୍ମାନନ୍ଦ ପରିଡ଼ା, ଚଳଚ୍ଚିତ୍ର ପ୍ରଯୋଜକ ଅତିଶ କୁମାର ରାଉତ ଉପସ୍ଥିତ ଥିଲେ। କାମାକ୍ଷାନଗରକୁ ଜିଲାର ସାଂସ୍କୃତିକ କେନ୍ଦ୍ର ଭାବେ ବିକଶିତ କରାଯିବ। ଉତ୍ସାହୀ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ। ରଜ ମହୋତ୍ସବକୁ ରାଜ୍ୟସ୍ତରୀୟ ମହୋତ୍ସବରେ ପରିଣତ କରାଯିବ। ଏଥିଲାଗି ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ନଗରପାଳ ପ୍ରତିଶ୍ରୁତି ଦେଇଛନ୍ତି।

ଆଳତୁମା ରଜ ମହୋତ୍ସବ କମିଟି ଏବଂ ନାଟ୍ୟାନୁଷ୍ଠାନ 'ଭୂମିକା' ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା।




ରଜରାଣୀ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ସ୍ନେହା ଶୁଚିସ୍ମିତା ଷେଣ୍ଢଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି।

- କାମାକ୍ଷାନଗରକୁ ସାଂସ୍କୃତିକ କେନ୍ଦ୍ର ଭାବେ ବିକଶିତ କରାଯିବ: ମନ୍ତ୍ରୀ
- ରାଜ୍ୟସ୍ତରୀୟ ମହୋତ୍ସବ ଲାଗି ଉଦ୍ୟମ ହେବ: ନଗରପାଳ
- ସ୍ନେହା ଶୁଚିସ୍ମିତାଙ୍କୁ ରଜରାଣୀ ମୁକୁଟ

ଉଦ୍‌ଯାପନୀ ଦିବସ ସକାଳେ ବାଳିକା, ବାଳକ, ମହିଳାଙ୍କୁ ନେଇ ବେଲୁନ୍ ସଂଗ୍ରହ, ବସ୍ତା ଡିଆଁ, ବଲ୍ ପାସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ କିଶୋରୀମାନଙ୍କ ମଧ୍ୟରେ ଆୟୋଜିତ 'ରଜରାଣୀ' ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ ପାଲଟିଥିଲା। ପାରମ୍ପରିକ ଦୋଳିଖେଳ, ରଜପାନ ପସରା, ଖାଦ୍ୟ ଷ୍ଟଲ୍ ସାଙ୍ଗକୁ ପ୍ରଦୀପ ଷେଣ୍ଢଙ୍କ ଦ୍ୱାରା ଆମ୍ବଗଛରେ କରାଯାଇଥିବା ସଚେତନଧର୍ମୀ ଚିତ୍ର ଦର୍ଶକଙ୍କ ପ୍ରଶଂସାଭାଜନ ହୋଇଥିଲା।

ଢେଙ୍କାନାଳ, ଭୁବନେଶ୍ୱର, କଟକରୁ ଆସିଥିବା କଳାକାରମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଓଲିଉଡ୍ ଅଭିନେତ୍ରୀ ତମନ୍ନା, ହାସ୍ୟ ଅଭିନେତା ଗୁଲୁଆ, କାଳିଆ ଷଣ୍ଢ ଦର୍ଶକଙ୍କୁ ହସାଇ ହସାଇ ବେଦମ କରିଥିଲେ। ରଜରାଣୀ ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ସ୍ନେହା ଶୁଚିସ୍ମିତା ଷେଣ୍ଢ, ପ୍ରୀତିପ୍ରଜ୍ଞା ସାହୁ, ସ୍ୱାତି ସ୍ୱାଗତିକା ସାହୁଙ୍କୁ ମାନପତ୍ର, ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଯୋଜନା ପାଇଁ ବିମଳ ପରିଡ଼ା, ଚିତ୍ରକଳା ପାଇଁ ପ୍ରଦୀପ ଷେଣ୍ଢ ସମ୍ବର୍ଦ୍ଧିତ ହୋଇଥିଲେ। ଉପଦେଷ୍ଟା ମଧୁସୂଦନ ଷେଣ୍ଢ, ମକରଧ୍ୱଜ ପ୍ରଧାନ, ସଞ୍ଜୟ ପରିଡ଼ା, ଉପସଭାପତି ରାଜେଶ ଷେଣ୍ଢ, ସମ୍ପାଦକ ଆଶୁତୋଷ ସାହୁ, ଯୁଗ୍ମ ସମ୍ପାଦକ ଜୟଦେବ ଷେଣ୍ଢ, ପ୍ରଦୀପ ମହାରଣା, କୋଷାଧ୍ୟକ୍ଷ ସଚ୍ଚିଦାନନ୍ଦ ମହାରଣା, ନିରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

